# ମୁଖବନ୍ଧ ଉପସ୍ଥାପନା

ଆଜି ଭାରତ ପାଖରେ ପାଖରେ ଗଣତନ୍ତ୍ର, ଭୌଗୋଳିକ ପରିସର ଓ ଚାହିଦା କୁ ଭିତ୍ତି କରି ଏକ ସୁଯୋଗ ରହିଅଛି । ଆମକୁ କେବଳ ତାହାକୁ କେନ୍ଦ୍ର କରି ଅଗ୍ରସର ହେବାକୁ ହେବ । ବିଗତ ୬୦ ବର୍ଷ ଧରି ଭାରତକୁ ଶାସନ କରିଥିବା ଦଳ ଉପରେ ଏ ଦେଶର ଜନତା ଆଜି ଅସନ୍ତୁଷ୍ଟ । ତେଣୁ ଏପରି ପରିସ୍ଥିତିରେ ବି.ଜେ.ପିକୁ ‘‘ ଏକ ଭାରତ, ଶ୍ରେଷ୍ଠ ଭାରତ ’’ ନୀତି ନେଇ ଅଗ୍ରସର ହେବାକୁ ହେବ ଏବଂ ଦେଶ ଓ ଜାତିକୁ ଆମର ପ୍ରତିଶ୍ରୁତି ହେଉଛି ‘‘ସବକା ସାଥ, ସବକା ବିକାଶ ’’ । ଏହି ଦୃଢ଼ ସଂକଳ୍ପରେ ଜଣେ ଦକ୍ଷ ନେତା ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶକୁ ଏକ ସ୍ୱଚ୍ଛ ବିକାଶଗାମୀ ତଥା ସ୍ଥିର ସରକାର ଦେବାର ଲକ୍ଷ୍ୟ ନେଇ ଆମେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ।

**ଦେଶ ତଥା ଜନତାଙ୍କ ବିଶ୍ୱାସର ପରିବର୍ତ୍ତନ କରିବା ପାଇଁ ଏହା ହିଁ ଏକ ସୁବର୍ଣ୍ଣ ସୁଯୋଗ ।**

**ଭାରତର ନିର୍ମାଣ**

ଅତ୍ୟାଧୁନିକ ପ୍ରବିଦ୍ଧି ବିଜ୍ଞାନ ଓ ଗଠନ ମୂଳକ କାର୍ଯ୍ୟ ମାଧ୍ୟମରେ ଭାରତରେ ୧୦୦ ଟି ନୂତନ ସହର ଗଠନ କରିବା ।

ଦେଶର ୧୦୦ଟି ଅତ୍ୟନ୍ତ ପଛୁଆ ଶ୍ରେଣୀର ଜିଲ୍ଲାର ସାର୍ବାଙ୍ଗୀନ ଉନ୍ନତି ବିଧାନ କରି ତାକୁ ଅନ୍ୟ ଜିଲ୍ଲା ସହ ସମକକ୍ଷ କରାଇବା ।

ଦେଶର ପ୍ରତ୍ୟେକ ଘରକୁ ବିଦ୍ୟୁତ, ଜଳ, ପାଇଖାନାର ବ୍ୟବସ୍ଥା ଉପଲବ୍ଧ କରାଇବା ।

ଏକ ପୂର୍ଣ୍ଣ ସମୟ ଭିତ୍ତିକ ଯୋଜନା, ‘ ରୁରାଲ ରିଜୁଭେନେସନ ’ ମାଧ୍ୟମରେ ଗ୍ରାମାଞ୍ଚଳକୁ ସହରାଞ୍ଚଳ ଭଳି ସମସ୍ତ ସୁବିଧା ସୁଯୋଗ ଯୋଗାଇବା ।

ଏକ ଦାୟିତ୍ୱ ସମ୍ପର୍ଣ୍ଣ ଓ ବ୍ୟାପକ ହୋଇଥିବା ‘ ନେସନାଲ ଏନର୍ଜି ପଲିସି ’ ବା ଜାତୀୟ ଶକ୍ତି ନୀତି ପ୍ରସ୍ତୁତ କରିବା ।

ସମସ୍ତ ପରିବାର ଓ ଶିଳ୍ପାଞ୍ଚଳକୁ ଗ୍ୟାସ ଯୋଗାଇବା ପାଇଁ ଗ୍ୟାସ ଗ୍ରୀଡ଼ ପ୍ରସ୍ତୁତ କରିବା ।

ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଅପଟିକାଲ ଫାଇବର ନେଟଓ୍ଵର୍କ ଯୋଗାଇବା ସହ ସମସ୍ତ ସର୍ବସାଧାରଣ ଅଞ୍ଚଳକୁ ଓ୍ଵାଇ ଫାଇ ସଂଯୋଗିକରଣ କରିବା ।

ଦ୍ରୁତଗାମୀ ରେଳ ଯୋଗାଣରେ ବା ବୁଲେଟ ଟ୍ରେନରେ ଡ଼ାଇମଣ୍ଡ କ୍ୱାଡ୍ରିଲେଟରାଲ ଯୋଜନା ଲାଗୁ କରିବା ।

କୃଷି, ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କ ପାଇଁ ନୂତନ ରେଳ ସଂପ୍ରସାରଣ ସେବା ଉପଲବ୍ଧ କରାଇବା ।

ଦେଶର ୭୫ତମ ସ୍ୱାଧୀନତା ଦିବସ ବେଳକୁ ଦେଶର ପ୍ରତ୍ୟେକ ପରିବାର ପାଇଁ କମ ମୂଲ୍ୟରେ ଗୃହ ନିର୍ମାଣ ଯୋଜନା ଉପଲବ୍ଧ କରାଇବା ।

**ଦରଦାମ ବୃଦ୍ଧି ନିୟନ୍ତ୍ରଣ**

କଳାବଜାରୀ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବା ସହ ଏକ ସ୍ୱତନ୍ତ୍ର କୋର୍ଟ ବସାଇବା ।

ଏକ ଏକ ପ୍ରାଇସ ଷ୍ଟାବିଲାଇଜେସନ ଫଣ୍ଡ ବସାଇବା ।

ଏଫ.ସି.ଆଇ ର ଯେଉଁ ସବୁ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରାଯାଇନାହିଁ ତାହାକୁ କାର୍ଯ୍ୟକାରୀ କରାଇବା ।

ଖାଦ୍ୟର ସଂରକ୍ଷଣ ଓ ଉପଯୁକ୍ତ ଯୋଗାଣର ବ୍ୟବସ୍ଥା କରିବା ।

ଦେଶରେ କୋଟିଏ ଏକକ ଜାତୀୟ କୃଷି ବଜାର ତିଆରି କରିବା ।

**ଦୁର୍ନୀତି ପାଇଁ ଲଢ଼େଇ**

ଏପରି ଧାରା ପ୍ରସ୍ତୁତ କରିବା ଯାହାକି ଭ୍ରଷ୍ଟାଚାରର ଉତ୍ସକୁ ନିପାତ କରିବ ।

ଇ-ଗଭର୍ଣ୍ଣେସ ମାଧ୍ୟମରେ ସରକାର ଓ ଜନତାଙ୍କ ମଧ୍ୟର ଦୂରତ୍ୱକୁ ହ୍ରାସ କରିବା ।

ସରକାରଙ୍କ ଏପରି ନୀତି ନିୟମ ପ୍ରସ୍ତୁତ କରିବା ଯାହାକି ସ୍ୱଚ୍ଛ ଥିବ ।

ନାଗରିକ, ସଂସ୍ଥା ବା ଯେକୌଣସି କ୍ଷେତ୍ରର ମର୍ଯ୍ୟଦାକୁ ରକ୍ଷା କରିବା ସହ ପ୍ରତ୍ୟେକ ସ୍ତରରେ ଥିବା ଯୋଜନାକୁ ସରଳ ଓ ସୁଗମ୍ୟ କରିବା ।

**ରୋରଜଗାର ଓ ଉଦ୍‌ଯୋଗ**

ମୁଖ୍ୟତଃ ଶ୍ରମିକଙ୍କୁ ଭିତ୍ତି କରି ଗଢ଼ି ଉଠିଥିବା ଶିଳ୍ପ ଯଥା ବୟନ, ନିର୍ମାଣାଧୀନ, ଗୃହ ନିର୍ମାଣ ଓ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କରାଇବା ।

ପାରମ୍ପାରିକ ରୋଜଗାର ମିଳୁଥିବା କ୍ଷେତ୍ର ଯେପରି କୃଷି, କୃଷି ଭିତ୍ତିକ ଶିଳ୍ପ, ଆଧୁନିକରଣ ଉପାୟରେ ଖୁଚୁରା ବ୍ୟବସାୟକୁ ଦୃଢ଼ କରାଇବା ।

ଏମପ୍ଲୋୟମେଣ୍ଟ ଏକ୍ସଚେଞ୍ଜକୁ କ୍ୟାରିୟର ସେଣ୍ଟରରେ ପରିଣତ କରାଇବା ।

**ମହିଳାମାନେ ହେଉଛନ୍ତି ଜାତିର କର୍ଣ୍ଣଧାର**

ସାମ୍ବିଧାନିକ ସଂଶୋଧନ ମାଧ୍ୟମରେ ସାଂସଦୀୟ ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ଆରକ୍ଷଣର ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେବା ।

ଦେଶର କନ୍ୟା ସନ୍ତାନର ରକ୍ଷା ପାଇଁ ଦେଶ ବ୍ୟାପି ଏକ ପ୍ରଚାର ଚଳାଇବା ‘ ବେଟି ବଚାଓ - ବେଟି ପଢ଼ାଓ ’ ।

କିଛି ଉତ୍ସର୍ଗିକୃତ ଆଇ.ଟି.ଆଇ ମହିଳାଙ୍କୁ ନେଇ ଅନ୍ୟ ଆଇ.ଟି.ଆଇ ରେ ମହିଳା ଶଖା ଖୋଲିବା ।

‘ଏସିଡ୍ ଆଟାକ ୱେଲଫେୟାର ଫଣ୍ଡ’ ମାଧ୍ୟରେ ଏପରି ପୀଡ଼ିତା ମହିଳାଙ୍କୁ ମେଡ଼ିକାଲ ସେବା ଓ ଚିକିତ୍ସାର ସମସ୍ତ ଖର୍ଚ୍ଚ ଯୋଗାଇବା ।

ପୋଲିସ ଷ୍ଟେସନରେ ମହିଳାଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଇବା ଓ ପୋଲିସ କ୍ଷେତ୍ରରେ ଅଧିକରୁ ଅଧିକ ମହିଳାଙ୍କ ଯୋଗଦାନ ନେଇ ଯତ୍ନଶୀଳ ହେବା ।

**ଦେଶର ହରିଜନ, ଗିରିଜନ, ଅନ୍ୟାନ ପଛୁଆ ଶ୍ରେଣୀଭୁକ୍ତ ଓ ଅନ୍ୟାନ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବ୍ୟବସ୍ଥା**

ସାମାଜିକ ନ୍ୟାୟ ଓ ସାମାଜିକ ସମାନତା ନୀତି ମାଧ୍ୟମରେ ସମାଜରୁ ଉଚ୍ଚ ନୀଚର ଭେଦଭାବ ହଟାଇବା ।

ଛୁଆଁ ଅଛୁଆଁର ଭେଦଭାବ ହଟାଇବା ।

ହରିଜନ, ଗିରିଜନ, ଅନ୍ୟାନ ପଛୁଆ ଶ୍ରେଣୀଭୁକ୍ତ ତଥା ଦୁର୍ବଳ ଶ୍ରେଣୀଭୁକ୍ତ ଲୋକଙ୍କ ପାଇଁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଅଧିକ ସୁବିଧା ଉପଲବ୍ଧ କରାଇବା ।

ସେମାନଙ୍କୁ ମିଳୁଥିବା ଅନୁଦାନ ବା ଯୋଜନାର ଉପଯୁକ୍ତ କାର୍ଯ୍ୟକାରୀତା ନେଇ ଯତ୍ନଶୀଳ ହେବା । ସେମାନଙ୍କର ଗୃହ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଦକ୍ଷତାର ବିକାଶ ପାଇଁ ଏକ ମିଳିତ ଯୋଜନା କରିବା ।

ପାହାଡ଼ିଆ ବା ଆଦିବାସୀ ଅଞ୍ଚଳରେ ଶିକ୍ଷାର ସାର୍ବାଙ୍ଗୀନ ପ୍ରସାର କରାଇବା ସହ ସେମାନଙ୍କର ସ୍ୱାସ୍ଥ୍ୟ, ଗୃହ, ଜଳ ଯୋଗାଣ ଓ ସଡ଼କ ପଥର ସୁବିଧା ଉପଲବ୍ଧ କରାଇବା ।

ଆଦିବାସୀ ଅଞ୍ଚଳକୁ ଆମଠାରୁ ବିଚ୍ଛିନ୍ନ ନୁହେଁ ବୋଲି ହୃଦବୋଧ କରାଇବା ।

**ସଂଖ୍ୟାଲଘୁଙ୍କୁ ସମାନ ସୁବିଧା ଯୋଗାଇବା**

ସଂଖ୍ୟାଲଘୁଙ୍କ ଶିକ୍ଷାର ବିକାଶ ପାଇଁ ଜାତୀୟ ମାଦ୍ରାସା ଆଧୁନିକିକରଣ ଯୋଜନାକୁ ଆରମ୍ଭ କରିବା ।

ତାଙ୍କର ପାରମ୍ପାରିକ ବୃତ୍ତିକୁ ବୃଦ୍ଧି କରାଇବା । ଯାହାକି ଆମ ଦେଶର କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପର ମେରୁଦଣ୍ଡ ଅଟେ ।

ସେମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ବାତାବରଣ ପ୍ରସ୍ତୁତ କରାଇବା ।

**ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ଓ ତାଙ୍କର ଆଶା ପୂର୍ତ୍ତି**

ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ମେଧା ବୃତ୍ତି ଓ ଅନ୍ୟାନ ସୁବିଧା ଯୋଗାଇବା, ତାଙ୍କ ସ୍ୱାସ୍ଥ୍ୟ ପାଇଁ ବୀମା କରାଇବା, ସମସ୍ତ ପ୍ରକାରର ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ସହ ସର୍ବସାଧାରଣଙ୍କ ଯୋଗାଯୋଗ ସୁବିଧା ଓ ମଧ୍ୟବିତ୍ତଙ୍କ ପାଇଁ ଗୃହ ନିର୍ମାଣ ସୁବିଧା ଉପଲବ୍ଧ କରାଇବା ।

**ଆତଙ୍କବାଦକୁ କୌଣସି କ୍ଷେତ୍ରରେ ସହ୍ୟ କରାଯାଇ ନପାରେ ।**

ଆତଙ୍କବାଦ ବିରୋଧୀ ନୀତି ନିୟମଗୁଡ଼ିକୁ ଶକ୍ତ କରିବା ସହ ଏନ.ଆଇ.ଏ ର ଭୂମିକାକୁ ମଧ୍ୟ ଦୃଢ଼ କରିବା ।

ଜାତୀୟ ସୁରକ୍ଷା ପରିଷଦକୁ ପୁର୍ନଗଠନ କରି ତାହାକୁ ପ୍ରତ୍ୟେକ କ୍ଷେତ୍ର ସମ୍ବନ୍ଧୀୟ ନିର୍ଦ୍ଧାରଣ କେନ୍ଦ୍ର ସ୍ୱରୂପ କ୍ରିୟାଶୀଳ କରାଇବା ଏବଂ ତାହାକୁ ପ୍ରତ୍ୟେକ ଗୋଇନ୍ଦା ସଂସ୍ଥାର ବିସ୍ତାର ନେଇ ମଧ୍ୟ କୈଫିୟତ ଦେବାକୁ ହେବ ।

ଗୁଇନ୍ଦା ବିଭାଗକୁ ଆଧୁନିକିକରଣ କରି ଓ ଖବର ସଂଗ୍ରହ କାର୍ଯ୍ୟକୁ ସଂଶୋଧନ କରି ତାଙ୍କର କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ।

**ବରିଷ୍ଠ ନାଗରିକ**

ଦେଶର ବରିଷ୍ଠ ନାଗରିକଙ୍କୁ ଆର୍ଥିକ ସୁବିଧା ଉପଲବ୍ଧ କରାଇବା ସହ ସେମାନଙ୍କ ପାଇଁ କର ଲଗାଣ ହ୍ରାସ କରାଇବା ଓ ସୁଧ ହାର ବୃଦ୍ଧି କରାଇବା ।

ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିରୁ ସେମାନଙ୍କ ଅଭିଜ୍ଞତାକୁ ଉପଯୋଗ କରିବା ।

**ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସୁବିଧା ଯୋଗାଇବା**

'ରାଇଟ ଅଫ ଦ ପରସନ ଉଇଥ ଡ଼ିସାବିଲିଟିଜ ବିଲ' କୁ ଲାଗୁ କରାଇବା

ଦେଶର ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଆବଶ୍ୟକତାକୁ ଚିହ୍ନଟ କରି ୱେବ ସାଇଟ ମାଧ୍ୟମରେ ତାଙ୍କର ରେଜିଷ୍ଟ୍ରେସନ ସୁବିଧା କରାଇବା ।

**ଯୁବ ସମାଜ ଦେଶକୁ ପ୍ରଗତୀ ପଥରେ ଧାବମାନ କରାଇବାରେ ସହାୟକ**

ଜାତୀୟ ଯୁବ ଉପଦେଷ୍ଟା ପରିଷଦ ଗଠନ ମାଧ୍ୟମରେ ଯୁବକଙ୍କ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରିବା ।

ଦେଶବ୍ୟାପି ଜିଲ୍ଲା ସ୍ତରରୁ ଯୁବକଙ୍କ ନୂତନ କଳ୍ପନା ଓ ଉଦ୍ୟୋକୁ ଉତ୍ସାହିତ କରି ଯୋଜନା ପ୍ରସ୍ତୁତ କରାଇବା ।

ରାଷ୍ଟ୍ରୀୟ କ୍ରୀଡ଼ା ଦକ୍ଷତା ଅନ୍ୱେଷଣ ପଦ୍ଧତି ମାଧ୍ୟମରେ ଦେଶରୁ ଯୁବ କ୍ରୀଡ଼ାବିତ୍ତଙ୍କୁ ବାଛି ସୁଯୋଗ ଦେବା ।

**ସ୍ୱାସ୍ଥ୍ୟ ସେବା-ସୁଯୋଗ ବୃଦ୍ଧି କରାଇବା-ଗୁଣାତ୍ମକ ମାନକୁ ବୃଦ୍ଧି କରାଇବା ଓ ଦରାଦମ ହ୍ରାସ କରାଇବା**

ପ୍ରତ୍ୟେକ ଭାରତୀୟଙ୍କ ସ୍ୱାସ୍ଥ୍ୟ ନେଇ ହେଉଥିବା ଖର୍ଚ୍ଚକୁ ହ୍ରାସ କରାଇବା ।

ନୂତନ ସ୍ୱାସ୍ଥ୍ୟ ନୀତି ଓ ଜାତୀୟ ସ୍ୱାସ୍ଥ୍ୟ ନେଇ ନିର୍ଭର ପ୍ରତିଶ୍ରୁତି ଦେବା ବା ଜୀବନ ବୀମା କରାଇବା ଯୋଜନା ଲାଗୁ କରାଇବା ।

ମୋବାଇଲ ଫୋନ ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ଲାଭ କରିପାରିବା ଓ ଏକ ନେସନାଲ ଇ-ହେଲ୍ ଥ ଅଥରିଟି ତିଆରି କରିବା ।

ପ୍ରତ୍ୟେକ ରାଜ୍ୟରେ ଏ.ଆଇ.ଏମ.ଏମ.ଏସ ଭଳି ସଂସ୍ଥା ତିଆରି କରିବା ।

ଗାନ୍ଧିଜୀଙ୍କ ୧୫୦ ତମ ଜନ୍ମ ଦିବସ ଅର୍ଥାତ ୨୦୧୯ ବେଳକୁ ଏକ ସ୍ୱଚ୍ଛ ଭାରତ ନିର୍ମାଣ କରିବା ।

**କର ବ୍ୟବସ୍ଥାକୁ ସରଳିକରଣ କରିବା**

ଏକ ଅନୁକୂଳ ସହାୟକ ବାତାବରଣ ଯୋଗାଇବା ସହ କରଦାନର ବ୍ୟବସ୍ଥାକୁ ସରଳିକରଣ କରିବା ।

**କୃଷି- ଉତ୍ପାଦନ କ୍ଷମ, ବୈଜ୍ଞାନିକ ପଦ୍ଧତି ଓ ପୁରସ୍କାର ଦାନ**

ଚାଷୀର ଉତ୍ପାଦନ ଉପରେ ଅନ୍ୟୁନ ୫୦% ଲାଭ ରହିବା ଆବଶ୍ୟକ ।

ଆଞ୍ଚଳିକ ଟି.ଭି ଚ୍ୟାନେଲରେ, ଏ.ପି.ଏମ.ସି ଆକ୍ଟର ପୁନର୍ଗଠନ ଓ କୃଷି ବୀମା ଲାଗୁ କରାଯିବ ।

ଜାତୀୟ ଜମି ବ୍ୟବହାର ନିୟମ କୁ ଆପଣାଇବା ।

**ଶିକ୍ଷାଞ୍ଚଳ- ଆଧୁନିକ, ପ୍ରତିଯୋଗୀମୂଳକ ଓ ସୁବ୍ୟବସ୍ଥିତ ।**

ପ୍ରତିଶ୍ରୁତି ଦେଉ କି ଭାରତରେ ଯେକୌଣସି ବ୍ୟବସାୟ କରିବା ସମୟରେ ଏକ ଅନୁକୂଳ ଓ ସହାୟକ ବାତାବରଣ ସୃଷ୍ଟି କରିବା ।

ଏକ ସ୍ଥିର କ୍ଷମତା ସାଥୀରେ ଏକ ବ୍ୟବସ୍ଥାଗତ କାର୍ଯ୍ୟର ଭିତ୍ତିଭୂମି  ଉପରେ କାର୍ଯ୍ୟ କରିବା ।

ବିଦେଶୀ ପ୍ରତ୍ୟେକ୍ଷ ପୁଞ୍ଜି ନିବେଶକୁ ଖୁଚୁରା ବ୍ୟବସାୟରେ ଆଣିବାକୁ ରୋକିବା ।

ଏମ.ଏସ.ଏମ.ଇ କ୍ଷେତ୍ରର ପୁନଃସମୀକ୍ଷା କରିବା ସହ ଅଧିକ ତାହାକୁ ଅଧିକ ଋଣ ଯୋଗାଇବା ଓ ଜନ୍ତ୍ରପାତିର ଆଧୁନିକିକରଣ କରିବା ପାଇଁ ସକ୍ଷମ କରାଇବା ।

**ଗ୍ରାମାଞ୍ଚଳ ପାଇଁ**

ପ୍ରତ୍ୟେକ ଗ୍ରାମରେ ପ୍ରତ୍ୟେକ ଋତୁ ପାଇଁ ସଡ଼କ ଯୋଗାଣ ବ୍ୟବସ୍ଥା କରାଇବା ।

ପ୍ରଧାନ ମନ୍ତ୍ରୀ ଗ୍ରାମ ସିଞ୍ଚାଇ ଯୋଜନା ମାଧ୍ୟମରେ ପ୍ରତ୍ୟେକ କ୍ଷେତକୁ ଜଳ ଯୋଗାଣ କରିବା ।

**ଅସଂଗଠିତ କ୍ଷେତ୍ର ପାଇଁ**

ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କୁ ପରିଚୟ ପତ୍ର ଯୋଗାଇବା , ଉତ୍ସର୍ଗିକୃତ ଶ୍ରମିକଙ୍କ ପାଇଁ ବ୍ୟାଙ୍କର ବ୍ୟବସ୍ଥା କରିବା ସହ ସେମାନଙ୍କର ପେନସନ ସ୍ୱାସ୍ଥ୍ୟ ବୀମା ଓ ସୁରକ୍ଷା ବ୍ୟବସ୍ଥା କରାଯିବ ।

**ବୁଣାକାର ଓ କଳାକାର**

ବୁଣାକାରଙ୍କ ଦକ୍ଷତା ବୃଦ୍ଧି କରାଇବା ନେଇ ତଥା ସେମାନଙ୍କ ପାଇଁ ନୂତନ ବ୍ୟବସାୟର କ୍ଷେତ୍ର ପ୍ରସ୍ତୁତ କରିବା ସହ ଧାତୁ ଶିଳ୍ପୀ, ଚିତ୍ରକାର, ବଢ଼େଇ, ଭଣ୍ଡାରି, ମୋଚି, କୁମ୍ଭାର ଓ କାରିଗର ମାନଙ୍କୁ ସୁବିଧା ସୁଯୋଗ ଉପଲବ୍ଧ କରାଇବା ।

**ଅବସର ପ୍ରାପ୍ତ ସୈନିକ**

ଜଣେ ବୃଦ୍ଧ ବା ଅଭିଜ୍ଞ ସୈନିକଙ୍କୁ ନିଯୁକ୍ତ କରାଯିବା । ଯେ କି ଅନ୍ୟାନ ଅବସର ପ୍ରାପ୍ତ ସୈନିକଙ୍କ ଅଭିଯୋଗ ଶୁଣାଣି କରିବେ ।

**ହିମାଳୟ**

'ହିମାଳୟ ନେଇ ଜାତୀୟ ଲକ୍ଷ୍ୟ' ନାମକୁ ଏକ ଯୋଜନା କରାଯିବା । ଯାହାକୁ ଉକ୍ତ ଅଞ୍ଚଳରେ ଥିବା ରାଜ୍ୟର ସରକାରଙ୍କ ମଧ୍ୟରେ ଏକତ୍ର କରାଯିବ । ଯାହା ମାଧ୍ୟମରେ କିଛିଟା ନୀତି ନିୟମକୁ ଏକାଠି କରି ରାଜ୍ୟ ଗୁଡ଼ିକ ନିଜ କ୍ଷମତାକୁ ବୃଦ୍ଧି କରି ପାରିବେ ।

ହିମାଳୟ ବଞ୍ଚାଅ ଅନୁଦାନ ତିଆରି କରିବା ସହ ହିମାଳୟର ଜ୍ଞାନ କୌଶଳ ବା ଭାବଧାରାକୁ ନେଇ ଏକ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ତିଆରି କରିବା ।

**ଅନ୍ୟାନ ମୁଖ୍ୟ ନୂତନ ପଦକ୍ଷେପ**

ଦେଶରେ ପ୍ରତ୍ନତତ୍ୱ ଓ ପରମ୍ପରା, ସାଂସ୍କୃତିକ ଓ ଧାର୍ମିକ, ହିମାଳୟ ସମ୍ବନ୍ଧୀୟ, ମରୁଭୂମି, ଉପକୂଳବର୍ତ୍ତୀ ଅଞ୍ଚଳ ଓ ଔଷଧ ନେଇ ଅନ୍ୟୁନ ୫୦ଟି ପର୍ଯ୍ୟଟନ କେନ୍ଦ୍ର ତିଆରି କରାଯିବାର ଯୋଜନା କରିବା ।

ଜାତୀୟ ବହୁବିଧ ଦକ୍ଷତା ବୃଦ୍ଧିର ଏକ ଯୋଜନା ରଖିବା ।

ଜନସଂଖ୍ୟା ସ୍ଥିରୀକୃତ ପାଇଁ ବିଭିନ୍ନ ଯୋଜନାର ଲକ୍ଷ୍ୟକୁ ପ୍ରାଥମିକତା ଦେବା ।

**ଦେଶର ସଂସ୍କୃତି ଓ ଐତିହକୁ ରକ୍ଷା କରିବା**

ସମ୍ବିଧାନର ନୀତି ନୟମର ପରିସର ମଧ୍ୟରେ ରହି ଅଯୋଧ୍ୟାର ରାମ ମନ୍ଦିର ମିର୍ମାଣ ନେଇ ଯଥାସାଧ୍ୟ ଉଦ୍ୟମ କରିବା ।

ରାମ ସେତୁଠାରେ ବହୁଳ ପରିମାଣର ଥୋରିୟମ ସଂରକ୍ଷିତ ହୋଇଥିବା ହେତୁ 'ସେତୁ ସମୁଦ୍ରମ ଚ୍ୟାନେଲ ' ଯୋଜନାର କୌଣସି ନିଷ୍ପତ୍ତି ନେବା ସମୟରେ ଧ୍ୟାନ ଦିଆଯିବା ।

ଗୋରକ୍ଷଣ ଯୋଜନା ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ।

ଆଧୁନିକତାକୁ ଧ୍ୟାନ ରଖି ଦେଶର ପରମ୍ପରା ଅନୁଯାୟୀ ଏକ ସାଧାରଣ ଗଣବେଶ ରଖାଯିବା ।

**ସଂଗଠନର ପୁନର୍ଗଠନ**

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ପରିବର୍ତ୍ତନ ଆଣିବା ସହ ସେଠାରେ ଉପଯୁକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ।

ଏକ କାର୍ଯ୍ୟକ୍ଷମ ଲୋକପାଳ ନିଯୁକ୍ତି କରିବା ।

ଇ-ଗ୍ରାମ ବା ବିଶ୍ୱ ଗ୍ରାମ ଯୋଜନାକୁ ଲାଗୁ କରାଯିବା ।

କୋର୍ଟ ଓ ବିଚାରପତିଙ୍କ ସଂଖ୍ୟା ଦ୍ୱିଗୁଣିତ କରାଯିବା ସହ ନ୍ୟାୟିକ ସଂସ୍ଥାର ପ୍ରତ୍ୟେକ ସ୍ତରରେ ଫାଷ୍ଟ ଟ୍ରାକ କୋର୍ଟକୁ ବୃଦ୍ଧି କରିବା ।

**ସରକାରର ଗୋଟିଏ ଦର୍ଶନ - ' ପ୍ରଥମେ ଭାରତ '**

**ସରକାରର ଗୋଟିଏ ଧର୍ମଗ୍ରନ୍ଥ - 'ଭାରତ ସମ୍ବିଧାନ '**

**ସରକାରର ଗୋଟିଏ ଶକ୍ତି - 'ଜନତାଙ୍କ ଶକ୍ତି'**

**ସରକାରର ଗୋଟିଏ ପ୍ରାର୍ଥନା - 'ଜନତାଙ୍କ ମଙ୍ଗଳ '**

**ସରକାରଙ୍କ ଗୋଟିଏ ପନ୍ଥା - ' ସବକା ସାଥ, ସବକା ବିକାଶ '**

**ଆମର ପ୍ରତିଶ୍ରୁତି**

**ମୁକ୍ତ, ସ୍ୱଚ୍ଛ ଓ ଯୋଜନା ଭିତ୍ତିକ ସରକାର ଅଧିକ କ୍ରିୟାଶୀଳ ଜନତାଙ୍କ ସପକ୍ଷରେ ସୁଶାସନ ଦେବାକୁ ।**

**ଏକ ଭାରତ- ଶ୍ରେଷ୍ଠ ଭାରତ**

**ଭା.ଜ.ପା ଆଣ ଦେଶ ବଞ୍ଚାଅ**

**ଏଥର ମୋଦି ସରକାର**